# ପ୍ରତାରଣାର ଶିକାର ଶ୍ରମିକ

**ଫୁଲବାଣୀ ଅଫିସ, ୭।୧୦**

କନ୍ଧମାଳ ଜିଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ପଣସପଦର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅନିୟମିତତା ପଦାକୁ ଆସିଛି। ଜବକାର୍ଡଧାରୀ କାମ ପାଇ ନ ଥିଲେ ମଧ୍ୟ ସେମାନଙ୍କ ନାମକୁ ମଷ୍ଟର ରୋଲରେ ଚଢ଼ାଇ ବିନା କାର୍ଡଧାରୀ ଶ୍ରମିକଙ୍କୁ କାମରେ ନିୟୋଜିତ କରାଯାଇଛି। ବିନା କାର୍ଡଧାରୀଙ୍କୁ ଠିକ୍ ପାରିଶ୍ରମିକ ଦିଆଯାଉନି। ଜବକାର୍ଡ ନ ଥିବାରୁ କାମ କରିଥିବା ଲୋକଟି ଉପାୟଶୂନ୍ୟ ହୋଇପଡୁଛି। ଗାଁମେଟ, ଜିଆରଏସ୍‌ମାନେ ଏଭଳି ଦୁର୍ନୀତିର ମୂଳରେ ରହିଛନ୍ତି। ଗ୍ରାମବାସୀ ସମ୍ପୃକ୍ତ ଗାଁସାଥୀଙ୍କୁ ବିଦା କରି ନୂତନ ଗାଁ ସାଥୀ ଚୟନ କରିଛନ୍ତି।

ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧା ପାରିଶ୍ରମିକ ଯିବା ବ୍ୟବସ୍ଥା ଅଛି। ହେଲେ ଏଠାରେ ଗାଁ ସାଥି କେତେଜଣ ଜବକାର୍ଡଧାରୀଙ୍କୁ ହାତରେ ରଖି ସେମାନଙ୍କ କାର୍ଡ ନେଇଯାଉଛନ୍ତି। କାମ ନ କରି ଆକାଉଣ୍ଟକୁ ଟଙ୍କା ଆସିବ। ସେଥିରେ ତୁମକୁ କିଛି ଦିଆଯାଇ ବାକି ନିଆଯିବ ବୋଲି ଜବକାର୍ଡଧାରୀଙ୍କୁ କୁହାଯାଉଛି।

**ଜବକାର୍ଡଧାରୀ କରୁନାହାନ୍ତି କାମ**

ସେହିପରି ମୃତ ବ୍ୟକ୍ତିଙ୍କ ଜବକାର୍ଡ ଏବଂ ତାଙ୍କ ଆକାଉଣ୍ଟ ନମ୍ବରକୁ ବି ମଷ୍ଟରରୋଲରେ ଚଢ଼ାଯାଉଛି। ଫଳରେ ମୃତକଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି। ଦୀର୍ଘ ୧୩ ବର୍ଷ ହେଲା ଏଭଳି ହୋଇଆସିଛି। ପଣସପଦର ଗ୍ରାମରେ ଦୁଇ ଜଣ ଗାଁ ସାଥୀ ଚୟନ ହୋଇଥିଲେ। ହେଲେ ଜଣେ ସବୁ କାମ କରି ଆସୁଥିଲେ।

୨୦୨୦-୨୧ ଆର୍ଥିକ ବର୍ଷରେ ସମିତି ରାସ୍ତାଠାରୁ ପଣସପଦର ଦୋମୁହାଣି ଝଗଡ଼ପଟା ରାସ୍ତାର ଉନ୍ନତୀକରଣ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ହେଲେ ଯେଉଁ ବୋର୍ଡ ମରାଯାଇଥିଲା, ସେଥିରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ କରାଯାଇ ନ ଥିଲା



କାମପାଇଁ ମରାଯାଇଥିବା ଫଳକ।

ବେଳେ ଦୈନିକ ମଜୁରି ୨୦୭ ଟଙ୍କା ଲେଖା ଯାଇଥିଲା। କାମ ଆରମ୍ଭ ବେଳେ ଶ୍ରମିକଙ୍କୁ ଏଥିରେ ନିଯୁକ୍ତି କରାଯାଇଥିଲା। ହେଲେ ଅଧିକାଂଶଙ୍କର ଜବ୍‌କାର୍ଡ ନ ଥିଲା। ସେମାନଙ୍କୁ ଦିନକୁ ୨୦୭ ଟଙ୍କା ମଜୁରି ଦିଆଯିବ କୁହାଯାଇଥିଲା। ପରେ ୧୫୦ ଲେଖାଏ ଟଙ୍କା ଦିଆଯାଇ ବାକି ଦିଆଯାଇ ନ ଥିଲା। ଏହାକୁ ନେଇ ଅସନ୍ତୋଷ ଦେଖାଦେବାରୁ ଗତ ସୋମବାର ଗ୍ରାମରେ ଅନୁଷ୍ଠିତ ପଲ୍ଲୀସଭାରେ ସମ୍ପୃକ୍ତ ଗାଁସାଥୀଙ୍କୁ ବହିଷ୍କାର କରାଯାଇଛି।

ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗତବର୍ଷ ୨୫ଟି ଖାତ କାମ କରିଥିଲେ ମଧ୍ୟ ତାଙ୍କୁ ମାତ୍ର ୨୦୦୦ ଟଙ୍କା ମିଳିଛି ବୋଲି କହିଛନ୍ତି ବରୁଣ କହଁର। ଚଳିତବର୍ଷ ୩୦ଟି କାମ କଲେଣି। ହେଲେ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ବି ମିଳିନାହିଁ। ଖାତ ପିଛା ୩୭୦ ଟଙ୍କା ଦେବେ ବୋଲି କହିଥିଲେ, ହେଲେ ଦେଲେ ନାହିଁ ବୋଲି ବରୁଣ ଅଭିଯୋଗ କରିଛନ୍ତି। ସେହିପରି ରବୀନ୍ଦ୍ର ଦଳବେହେରା ରାସ୍ତା ଏବଂ ହୁଡା କାମ କରିଥିଲେ। ହୁଡା ପିଟ୍ ପିଛା ୨୦୭ ଦେବେ ବୋଲି କହି ୧୫୦ ଟଙ୍କା ଦେଲେ। ସରପଞ୍ଚ, ବିଡିଓଙ୍କୁ ଜଣାଇଲେ ମଧ୍ୟ ସେମାନେ କିଛି ଶୁଣୁ ନାହାନ୍ତି ବୋଲି ରବିନ୍ଦ୍ର କହିଛନ୍ତି। ସେହିପରି କ୍ଷୀରୋଦ ଚନ୍ଦ୍ର ବେହେରା କୁହନ୍ତି, ୨୦୧୯ରେ ହୁଡା କାମ କରି ୩୬ଟି ପିଟ୍ ଖୋଳିଥିଲି। ଗୋଟିଏ ପିଟ୍ ପିଛା ୩୭୦ ଟଙ୍କା ଦେବାକୁ କଥା ହୋଇଥିଲା। ମୁଁ ପ୍ରାୟ ୧୪ ହଜାର ଟଙ୍କା ପାଇବା କଥା। ହେଲେ ମାତ୍ର ୪୪୦୦ ଟଙ୍କା ଦେଇଛନ୍ତି। ୨୦୨୦ରେ ପୁଣି କାମ କଲି। ପିଟ୍ ପିଛା ୨୦୭ ଟଙ୍କାରେ କଥା ଛିଡ଼ିଥିଲା। ମାତ୍ର ୧୫୦ ହିସାବରେ ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜଣେ ମୃତକ ବିରାଟ ନାୟକଙ୍କ ଆକାଉଣ୍ଟକୁ ମଧ୍ୟ କାମ ବାବଦ ଟଙ୍କା ଯାଇଛି। ଘଟଣା ନେଇ ସମ୍ପୃକ୍ତ ଗାଁ ମେଟ୍ ଜଣକ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ବିଡିଓ ଅନିଲ କୁମାର ପଟ୍ଟନାୟକ ସେହି ପଞ୍ଚାୟତରେ ବହୁ ଦୁର୍ନୀତି ଦେଖିବାକୁ ମିଳୁଛି କହି କଥାକୁ ଏଡାଇ ଯାଇଥିଲେ।

## କୃଷି ଆଇନକୁ ବିରୋଧ କରି କଂଗ୍ରେସର ରାଲି

**ହିଞ୍ଜିଳିକାଟୁ,୭।୧୦(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ହିଞ୍ଜିଳି କଂଗ୍ରେସ କମିଟି ପକ୍ଷରୁ ବୁଧବାର ରାଲି କରାଯାଇଛି। ଏଥିସହ ଏହି ବିବାଦୀୟ ଆଇନ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ନେତା ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବାହ୍ନରେ ତହସିଲ ଛକରୁ ରାଲି ବାହାରି ବ୍ଲକ ଅଫିସ ନିକଟରେ ପହଞ୍ଚିଥିଲା। ସେଠାରେ ପାଣିଗ୍ରାହୀ କହିଥିଲେ ଯେ, ଗତ ୬ ବର୍ଷ ମଧ୍ୟରେ ମୋଦି ସରକାର ଗରିବ, ଶ୍ରମିକ ଓ କୃଷକଙ୍କ ଉପରେ ଗୋଟିଏ ପରେ ଗୋଟିଏ ଆକ୍ରମଣ କରି ଚାଲିଛନ୍ତି। ସରକାରଙ୍କ ନୀତି ଦେଶରେ ପୁଞ୍ଜିପତିଙ୍କୁ ସୁହାଉଛି। କୃଷକ ଓ କୃଷି ଶ୍ରମିକଙ୍କୁ ଫସଲର ସର୍ବନିମ୍ନ ବିକ୍ରୟ ମୂଲ୍ୟ ଗ୍ୟାରେଣ୍ଟି ବଦଳରେ ସରକାର ଆଣିଥିବା ୩ ବିଲ୍ ଚାଷୀ ବିରୋଧୀ ବୋଲି ପାଣିଗ୍ରାହୀ ଦର୍ଶାଇଥିଲେ। ଏହି ଆଇନକୁ ପ୍ରତ୍ୟାହାର ଦାବି ନେଇ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ୬ ଦୋକାନ ସିଲ୍

ଚିକିଟି,୭।୧୦(ଡି.ଏନ.ଏ.)-କୋଭିଡ୍ ନିୟମକୁ ଉଲ୍ଲଂଘନ କରିବା ଅଭିଯୋଗରେ ବୁଧବାର ମଧ୍ୟାହ୍ନରେ ଅତିରିକ୍ତ ଜିଲାପାଳ ଡ. ଶ୍ୱେତ କୁମାର ଦାସ, ସହକାରୀ ଜିଲାପାଳ କେ.ମାଲେଶ୍ୱର ପାତ୍ର ଚିକିଟି ତହସିଲ୍ ଇଲାକାରେ ଗସ୍ତ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଧାନଘର, ଚାନ୍ଦପୁର, ଲକ୍ଷ୍ମୀପୁର ଛକ, ପାଣ୍ଡିରେ ଥିବା ୬ ଦୋକାନରେ ଗହଳିକରି ବ୍ୟବସାୟ କରାଯାଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିଲା। ଏଥି ଯାତାୟାତ କରୁଥିବା ବାଇକ୍ ଗୁଡିକୁ ଅଟକାଇ ୬୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ଚଢ଼ାଉରେ ଚିକିଟି ତହସିଲଦାର ହରପ୍ରସାଦ ଭୋଇ ଓ ତହସିଲ କର୍ମଚାରୀ ସାମିଲ ଥିଲେ। ପ୍ରଶାସନ ପକ୍ଷରୁ ପାନଦୋକାନ, ହୋଟେଲ, ସିଲେଇ ଦୋକାନ ଆଦି ଛୋଟ ଛୋଟ ଦୋକାନ ସିଲ୍ କରାଯାଇଥିବାରୁ ବ୍ୟବସାୟୀମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।

### ତଣ୍ଟି କାଟିବା ମାମଲାରେ ଯୁବକ ଗିରଫ

ବୁଗୁଡ଼ା,୭।୧୦(ଡି.ଏନ.ଏ.)-ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଝୋଲରୀ ଗ୍ରାମରେ ଘରେ ପଶି ମା’ ଓ ପୁଅଙ୍କୁ ତଣ୍ଟି କାଟିବା ମାମଲାରେ ବୁଧବାର ପୋଲିସ ସମ୍ପୃକ୍ତ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବାଣପୁର ଥାନା ପେଣ୍ଟୁରାପଲ୍ଲୀ ଗ୍ରାମର ରୂପ ନାରାୟଣ ଦଳ ବେହେରା। ଏ ନେଇ ବୁଗୁଡ଼ା ଥାନାରେ ନଂ. ୨୮୮/୨୦ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଝୋଲରୀ ଗ୍ରାମର ସୁଶାନ୍ତ ବିଷୋୟୀ ଏବଂ ରୂପ ନାରାୟଣଙ୍କ ପୂର୍ବରୁ ଢେଙ୍କାନାଳର ଏକ ନିର୍ମାଣ ସଂସ୍ଥାରେ କାମ କରିବା ସମୟରେ ଉଭୟଙ୍କ ପରିବାର ମଧ୍ୟରେ ବନ୍ଧୁତା ବୃଦ୍ଧି ପାଇଥିଲା। ରୂପନାରାୟଣ ଏକତରଫା ଭାବେ ସୁଶାନ୍ତଙ୍କ ସ୍ତ୍ରୀଙ୍କୁ ଭଲ ପାଇବସିଥିଲେ। ଗତ ୨ ବର୍ଷ ତଳେ ସୁଶାନ୍ତ ତାଙ୍କ ସ୍ତ୍ରୀ ପ୍ରମିତା ଓ ପୁଅ ସାଇଜିତ୍‌ଙ୍କୁ ନିଜ ଗ୍ରାମ ଝୋଲରୀରେ ଆଣି ଛାଡ଼ିଥିଲେ। ଏହି ସମୟରେ ରୂପନାରାୟଣ ମଝିରେ ମଝିରେ ପ୍ରମିତାଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ହେଲେ ପ୍ରାୟ ୨ ମାସ ହେବ ପ୍ରମିତା ଫୋନ ନ ଉଠାଇବାରୁ ରୂପନାରାୟଣ ସୋମବାର ଝୋଲରି ଗ୍ରାମକୁ ଆସି ସୁଶାନ୍ତଙ୍କ ଅନୁପସ୍ଥିତିରେ ପ୍ରମିତା ଓ ସାଇଜିତ୍‌ଙ୍କୁ ଏକ ଛୁରିରେ ତଣ୍ଟି କାଟିବା ସହ ନିଜର ମଧ୍ୟ ତଣ୍ଟି କାଟି ଦେଇଥିଲେ। ଖବର ପାଇ ବାଲିପଦର ଫାଣ୍ଡି ପୋଲିସ ପହଞ୍ଚି ୩ ଜଣଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ମା’ ଓ ପୁଅଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଥିଲା।

### ଗଜପତିରୁ ୭ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.) - ଗଜପତିରୁ ବୁଧବାର ୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୬୫ରେ ପହଞ୍ଚିଛି। ଆର୍.ଉଦୟଗିରି ବ୍ଲକରୁ ୩ଜଣ, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ଜଣେ, ନୂଆଗଡ, ମୋହନା ଏବଂ ଗୋଷାଣୀ ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

### ମଦ ଧରପଗଡ଼, ୪ ଗିରଫ

ଦିଗପହଣ୍ଡି,୭।୧୦(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ଗ୍ରାମାଞ୍ଚଳରେ ଚାଲିଥିବା ବେଆଇନ ମଦବିକ୍ରି ଓ ଚୋରା ଚାଲାଣ ରୋକିବାକୁ ଧରପଗଡ଼ କରୁଛି। ଆଇଆଇସି ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ ବିଭିନ୍ନ ଗ୍ରାମରେ ଚଢାଉ କରି ୪ ମଦ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଜଗନ୍ନାଥପୁର ଗ୍ରାମର ସୂର୍ଯ୍ୟ ଚୌଧୁରୀ, ନରେନ୍ଦ୍ରପୁରର କେ.କୃଷ୍ଣମୂର୍ତ୍ତି ରେଡ୍ଡୀ, ଡେଙ୍ଗାଓସ୍ତା ଗ୍ରାମର ସୁରେନ୍ଦ୍ର ପ୍ରଧାନ ଏବଂ ତବତି ପାତ୍ର। ଅଭିଯୁକ୍ତମାନଙ୍କ ନିକଟରୁ ୮୪ଟି ବିଦେଶୀ ମଦବୋତଲ, ୫୨ଟି ଦେଶୀ ମଦ ପାଉଚ ଓ ୧୮ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଇଛି।

### ୨ ଜୁଆଆଡ୍ଡାରୁ ୯ ଗିରଫ

ଆସିକା,୭।୧୦(ଡି.ଏନ୍.ଏ)- ଗାଙ୍ଗପୁର ଥାନା ନାଟଙ୍ଗା ଓ କଳାସୁତା ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ବୁଧବାର ପୋଲିସ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨୧ହଜାର ୮ଶହ ଟଙ୍କା ଜବତ କରାଯାଇଛି। ନାଟଙ୍ଗାଠାରେ ଚାଲିଥିବା ଜୁଆଆଡ୍ଡାରୁ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୬ହଜାର ୬ଶହ ଟଙ୍କା ଓ ତିନୋଟି ମୋବାଇଲ ଫୋନ୍ ଜବତ ହୋଇଛି। ସେହିଭଳି କଳାସୁତା ଅଙ୍ଗନବାଡି କେନ୍ଦ୍ରରେ ଚାଲିଥିବା ଜୁଆଆଡ୍ଡାରୁ ୫ଜଣଙ୍କୁ ଧରିବା ସହ ୧୫ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୨୮୯, ୨୯୦/୨୦ରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି।

## ଦକ୍ଷିଣ ଘୁମୁସର ବନଖଣ୍ଡରେ ବନ୍ୟପ୍ରାଣୀ ସପ୍ତାହ

**ବୁଗୁଡ଼ା,୭।୧୦(ଡି.ଏନ.ଏ.)**

ଦକ୍ଷିଣ ଘୁମୁସର ବନଖଣ୍ଡସ୍ତରୀୟ ୬୬ତମ ବନ୍ୟପ୍ରାଣୀ ସପ୍ତାହ ବୁଧବାର ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସଭାପତିତ୍ୱ କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ମୁଖ୍ୟଅତିଥି, ତହସିଲଦାର ସଂଗ୍ରାମ କେଶରୀ ଜେନା ମୁଖ୍ୟବକ୍ତା, ଏସିଏଫ ଶଙ୍କର୍ଷଣ ବେହେରା ଓ ପ୍ରଭାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବ ଜଗତରେ ସନ୍ତୁଳନ ରକ୍ଷା ନିମନ୍ତେ ଉଭୟ ମନୁଷ୍ୟ ଏବଂ ଜୀବଜନ୍ତୁଙ୍କ ସହାବସ୍ଥାନ ଏକାନ୍ତ ଆବଶ୍ୟକ। ବନ୍ୟପ୍ରାଣୀଙ୍କ ସୁରକ୍ଷା, ସମୃଦ୍ଧି ଓ ସଂରକ୍ଷଣରେ ଜନସାଧାରଣ, ସାମାଜିକ ସଂଗଠନ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାକୁ ରକ୍ଷା କରିବା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ପାଇଁ ମିଳିତ ଉଦ୍ୟମ ଜରୁରୀ। ଗଞ୍ଜାମ ଜିଲାର କୃଷ୍ଣସାର ମୃଗ, ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ, ଘୋଡ଼ାହାଡ଼ର ମଗର କୁମ୍ଭୀର, ଗୋଲିଆର କୂର୍ମ, କେରାଣ୍ଡିମାଳ ପର୍ବତମାଳାର ଗଜରାଜ, ପାକିଡ଼ିର ମୟୂର, ଭଞ୍ଜନଗରର ଉଡ଼ନ୍ତା ମୂଷା ଆଦି ଅନେକ ବନ୍ୟପ୍ରାଣୀ ପ୍ରକୃତିର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛନ୍ତି। ତେଣୁ ଏହି ବିଭବକୁ ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବା ଜରୁରୀ ବୋଲି ବନଖଣ୍ଡ ଅଧିକାରୀ କହିଥିଲେ। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସୋରଡ଼ା ବନାଞ୍ଚଳ ଅଧିକାରୀ ଲମ୍ବୋଦର ବାସକେ, ଆସିକା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ, ପୋଲସରା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୬ ବନପାଳ ଓ ବନରକ୍ଷୀଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରାଯାଇଥିଲା। ବୁଦ୍ଧଖୋଲ ଇକୋ ପାର୍କରେ ବନ ବିଭାଗ ତରଫରୁ ୪୦୦ ଚାରାରୋପଣ କରାଯାଇଥିଲା।

## କୂଅରୁ ଯୁବତୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବାଲିଗୁଡା, ୭।୧୦(ଡି.ଏନ.ଏ.)**

ବାଲିଗୁଡ଼ା ପାଟଖଣ୍ଡା ସାହିର ଟୁକୁନା ପାଳଙ୍କ ବାରିପଟ କୂଅରୁ ତାଙ୍କ ଝିଅ ଶିବାନୀଙ୍କ ମୃତଦେହ ବୁଧବାର ପୋଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୋମବାର ସନ୍ଧ୍ୟାରୁ ଶିବାନୀ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ବାଲିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୂର୍ବାହ୍ନରେ ବାରିପଟ କୂଅରେ ଝିଅର ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ସେପଟେ ପ୍ରତିଦିନ ପରିବାର ଲୋକେ କୂଅପାଣି ବ୍ୟବହାର କରୁଥିଲେ ମଧ୍ୟ କିଛି ଆଭାସ ପାଇ ନ ଥିବା କହିଛନ୍ତି।

## ପ୍ରତିଶ୍ରୁତି ପାଇ କାର୍ଯ୍ୟରେ ଯୋଗଦେଲେ ଶ୍ରମିକ


ଗ୍ରାସୀମ କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନ ଓ ଶ୍ରମିକ ସଙ୍ଗଠନ ମଧ୍ୟରେ ଆଲୋଚନା ଚାଲିଛି।

**ଗଞ୍ଜାମ,୭।୧୦(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଆଦିତ୍ୟ ବିର୍ଲା ଗ୍ରାସୀମ କମ୍ପାନୀରେ ମଙ୍ଗଳବାର ଷ୍ଟିମ୍ ପାଇପ୍ ଭାଲବ୍ ଫାଟିଯିବାରୁ ଜଣେ ଇଞ୍ଜିନିୟର ଓ ୩ ଠିକା କର୍ମଚାରୀ ଗୁରୁତର ହୋଇଥିଲେ। ଶଙ୍କର ରାଉଳ, ଏସ୍ ବୈଦେଶ୍ୱର, କେ.ବେଣୁପାଣି ରେଡ୍ଡୀ ଓ ଇଞ୍ଜିନିୟର ଅଭିଷେକ ପାଳଙ୍କୁ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ନିଆଯାଇଥିଲା। ଶଙ୍କରଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କ୍ଷତିପୂରଣ ଦାବିରେ ଶ୍ରମିକମାନେ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ଶ୍ରମିକ ସଙ୍ଗଠନ, କମ୍ପାନୀ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ମଧ୍ୟରେ ଏକ ତ୍ରିସ୍ତରୀୟ ବୈଠକ ବସିଥିଲା। ଯଦି ଆହତ ଶ୍ରମିକ ବିକଳାଙ୍ଗ ହୁଅନ୍ତି କିମ୍ବା ମୃତ୍ୟୁ ହୁଏ ତେବେ ତାଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କା, ଶ୍ରମିକଙ୍କ ସ୍ତ୍ରୀଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି କିମ୍ବା ଶ୍ରମିକ ଜଣଙ୍କ ସମ୍ପୂର୍ଣ୍ଣ ଠିକ ହେଲେ ତାଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବାକୁ ବୈଠକରେ ଚୁକ୍ତି ହୋଇଥିଲା। ପ୍ରତିଶ୍ରୁତି ପରେ ବୁଧବାର ଶ୍ରମିକମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବୈଠକରେ କମ୍ପାନୀ ପକ୍ଷରୁ ୟୁନିଟ ହେଡ୍ ଶଶାଙ୍କ ଶେଖର ପାରିକ, ଏଚ୍‌ଆର ହେଡ୍ କେଜି ଗେନେରିୱାଲ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଏସ୍‌ଡିପିଓ ଗୌତମ କିଷାନ, ଥାନାଧିକାରୀ ଦିଲୀପ କୁମାର ସାହୁ, ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଶ୍ରମିକ ନେତା ଶଙ୍କର ଦାଶ, ବିଜେଡି ନେତା ସୁଧୀର ପାଢ଼ୀ, ଠିକା ଶ୍ରମିକ ସଙ୍ଗଠନ ନେତା ଜୟକୃଷ୍ଣ ବାରିକ, ବୃନ୍ଦାବନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

**ଷ୍ଟିମ ପାଇପ ଭାଲବ୍ ଫାଟି ଶ୍ରମିକ ଆହତ ଘଟଣା**

## ଗାଁ ସାଥୀ ଚୟନ ପ୍ରକ୍ରିୟା ବନ୍ଦ ପାଇଁ ଦାବି

**ପାରଳାଖେମୁଣ୍ଡି,୭।୧୦(ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଜିଲା ଗାଁ ସାଥୀ(ମେଟ୍) ସଂଘ ତରଫରୁ ନୂତନ ଭାବେ ଚୟନ ପ୍ରକ୍ରିୟାକୁ ବନ୍ଦ କରିବାକୁ ନିବେଦନ କରାଯାଇଛି। ଏନେଇ ବୁଧବାର ମେଟ୍‌ର ବହୁ ସଦସ୍ୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସେମାନେ ଗତ ୨୫ ଅଗଷ୍ଟ ୨୦୨୦ ଓ ୧୯ ସେପ୍ଟେମ୍ବର୨୦ ଚିଠିକୁ କାର୍ଯ୍ୟକାରୀ ନକରିବା ପାଇଁ ଦାବି କରିଛନ୍ତି। କାରଣ ଉକ୍ତ ଚିଠି ଲାଗୁ ହେଲେ ଜିଲାରେ ନୂତନ ଭାବେ ଗାଁ ସାଥୀ ଚୟନ ହେବ। ଫଳରେ କାର୍ଯ୍ୟ କରୁଥିବା ଗାଁ ସାଥୀ ବିତାଡିତ ହେବେ। ଏନେଇ ସେମାନେ ଗତମାସ ୧୦ ତାରିଖରେ ହାଇକୋର୍ଟରେ ଏସ୍‌ଏଚ୍‌ଜି ମହିଳା ମଣ୍ଡଳରୁ (ମେଟ୍) ଚୟନ ପ୍ରକ୍ରିୟା ବନ୍ଦ ପାଇଁ ଅଭିଯୋଗ ଦାଖଲ


ଦାବିପତ୍ର ଦେବାକୁ ଆସିଥିବା ଗାଁ ସାଥୀ।

କରିଥିଲେ। ଉକ୍ତ ଅଭିଯୋଗ ପ୍ରକାରେ ୧୪ ତାରିଖରେ ମେଟ୍ ଚୟନ ପ୍ରକ୍ରିୟା ବନ୍ଦ ପାଇଁ ନିର୍ଦ୍ଦେଶନାମା ଦେଇଛନ୍ତି। ତେବେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ରାଜ୍ୟ ସରକାର ଗତ ୨୫ ତାରିଖରେ ପ୍ରତି ଜିଲାପାଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଦ୍ୱାରା ଜଣାଇଛନ୍ତି। କିନ୍ତୁ ସରକାରଙ୍କ ଚିଠିକୁ ଅବମାନନା କରି ଗଜପତି ଜିଲାରେ ନୂତନ ମେଟ୍ ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ କରି ବିଜ୍ଞାପନ ଜାରି କରାଯାଇଅଛି। ତୁରନ୍ତ ଏହା ବନ୍ଦ ପାଇଁ ପ୍ରତି ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦେବାକୁ ସେମାନେ ନିବେଦନ କରିଛନ୍ତି। ସ୍ମାରକ ପତ୍ର ପ୍ରଦାନ ବେଳେ ଜିଲା ଗାଁ ସାଥୀ ସଂଘ ସଭାପତି ପଞ୍ଚୁ ନାୟକ, ସଭ୍ୟ ମନୋଜ କୁମାର ଭୂୟାଁ, ନୀଳାଞ୍ଚଳ ଦୋରା, ବୀରେନ୍ଦ୍ର ରାଇକା, ଶତ୍ରୁଘ୍ନ ନାୟକ, ଜଗନ ନାୟକ, ମୃତ୍ୟୁଞ୍ଜୟ ଶବର ପ୍ରମୁଖ ଉପସ୍ଥିତଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦିଗପହଣ୍ଡି,୭।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ନୂତନ ପେନ୍‌ସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦିଗପହଣ୍ଡି-ଚିକିଟି ରୋଡ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସଂଘର ଏହି ନୂତନ କାର୍ଯ୍ୟାଳୟକୁ ଏସ୍‌ବିଆଇ ଦିଗପହଣ୍ଡି ଶାଖା ପରିଚାଳକ ଭବାନୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏବିଇଓ ବାଳା ମାଝୀ, ଆଇନଜୀବୀ ହରପ୍ରସାଦ ରଥ, ଏକ୍ସ-କ୍ୟାଡର ଶିକ୍ଷକ ସଂଘ ସଭାପତି ବିଜୟ କୁମାର ଗୌଡ଼ ଏବଂ ଉପଦେଷ୍ଟା ସୁଧାଂଶୁ ଶେଖର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ଶିକ୍ଷକ ସଂଘକୁ ଏକ କମ୍ପ୍ୟୁଟର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ଇ. ସୀମାଦ୍ରି ପାତ୍ର, ପି.ଜଗଦୀଶ ଦୋରା, ପ୍ରଶାନ୍ତ କୁମାର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାତ୍ର, ବଳରାମ ଦୋରା, ଚନ୍ଦ୍ର ଶେଖର ବାଡତ୍ୟା, ଶରତ କୁମାର ବେହେରା, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## କାନ୍ସ ପାଇଁ ‘ଅଭିଳାଷ’ ମନୋନୀତ

**ହିଞ୍ଜିଳିକାଟୁ,୭।୧୦(ଡି.ଏନ୍.ଏ)**

ଲକଡାଉନ୍‌ରେ ସାମାଜିକ ବାର୍ତ୍ତା ଦେଉଥିବା ହିଞ୍ଜିଳିକାଟୁ ସହରରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର ‘ଅଭିଳାଷ’ ବିଭିନ୍ନ ଅନ୍‌ଲାଇନ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଉଛି। ଏବେ ଏହା କାନ୍ସ ଫିଲ୍ମ ଫେଷ୍ଟିଭାଲ କ୍ଷୁଦ୍ର ଚଳଚ୍ଚିତ୍ର କାଟାଗୋରୀ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିବା ଏହାର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ସାହୁ କହିଛନ୍ତି। ଫ୍ରାନ୍ସରେ ପ୍ରଦର୍ଶିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶର ୮୪ଟି ଚଳଚ୍ଚିତ୍ର ଶେଷକୁ ଉନ୍ନୀତ ହୋଇଛନ୍ତି। ଅନ୍‌ଲାଇନ ଦର୍ଶକଙ୍କ ଭୋଟ ସହ ଜୁରୀ ମାନଙ୍କ ଚୟନରେ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଚଳଚ୍ଚିତ୍ର ମନୋନୀତ ହେବ। ଭାରତର ଆଗଧାଡିର ଚଳଚ୍ଚିତ୍ର ନିର୍ମାତା ପ୍ରକାଶ ଝା ଏହି ପ୍ରତିଯୋଗିତାରେ ଅନ୍ୟତମ ଜୁରୀ ଭାବେ ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଶୁଭମ୍ ଅପୂର୍ବା ଏହି ଚଳଚ୍ଚିତ୍ରକୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗାଇଡ୍ କରିଛନ୍ତି। ଚଳଚ୍ଚିତ୍ରର ଶେଷ ପର୍ଯ୍ୟାୟରେ ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ଭୋଟ ଦେବାକୁ ଫିଲ୍ମ ନିର୍ଦ୍ଦେଶକ କହିଛନ୍ତି।

## ୩ୟ ଦିନରେ ଆମରଣ ଅନଶନ

**ଛତ୍ରପୁର,୭।୧୦(ଡି.ଏନ୍.ଏ.)**

ଛତ୍ରପୁର ସହରରେ ଥିବା ସମର୍ଥ ଆବାସିକ ସ୍କୁଲ ଉଚ୍ଛେଦ କରିବାକୁ ଜିଲାପାଳ ନୋଟିସ୍ ଦେଇଥିଲେ । ଏହାର ପ୍ରତିବାଦ ଜଣାଇ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜାମ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଚାଲିଥିବା ଆମରଣ ଅନଶନ ବୁଧବାର ତୃତୀୟ ଦିବସରେ ପହଞ୍ଚିଛି । ଅନ୍ୟପକ୍ଷରେ ବୁଧବାର ଛତ୍ରପୁରସ୍ଥିତ କସ୍ତୁରବା ଆବାସିକ ବାଳିକା ବିଦ୍ୟାଳୟ ଓ ବାଳିକା ହାଇସ୍କୁଲ ଏସ୍‌ଟି ହଷ୍ଟେଲରେ ଥଇଥାନ ପାଇଁ ୨ଟି ସ୍ଥାନ ପ୍ରଶାସନ ପକ୍ଷରୁ ଦେଖାଯାଇଥିଲା । ତେବେ ସେଠାରେ ଦିବ୍ୟାଙ୍ଗ ଓ ଅନଗ୍ରସର ପିଲାଙ୍କ ନିମନ୍ତେ ଆବଶ୍ୟକ ସାଧାରଣ ସୁବିଧା ନ ଥିବା ଗଞ୍ଜାମ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ସମ୍ପାଦକ କେ. ଆନନ୍ଦ ରାଓ କହିଛନ୍ତି। ସ୍ଥାନୀୟ ବ୍ୟାଙ୍କ କଲୋନୀ

**ସମର୍ଥ ଆବାସିକ ସ୍କୁଲ ଉଚ୍ଛେଦର ପ୍ରତିବାଦ**

ପ୍ରାଥମିକ ସ୍କୁଲରେ ଆଜବେଷ୍ଟସ ରୁମ୍‌ରେ ସିଲିଂ, ଫ୍ୟାନ୍ ବ୍ୟବସ୍ଥା, ୨ଟି ପାଇଖାନା, ବାଥରୁମ୍, ହଲକୁ ୨ରୁ ୩ ଭାଗ କରି ରୁମ୍ କରିବା, ସ୍କୁଲ ପରିସର ଓ ବାହାର ସଫେଇ କରାଗଲେ ରହିବା ବ୍ୟବସ୍ଥା ହୋଇପାରିବ ବୋଲି ପ୍ରଶାସନକୁ ସେ ଜଣାଇଛନ୍ତି। ଥଇଥାନ ପର୍ଯ୍ୟନ୍ତ ସମର୍ଥ ସ୍କୁଲରେ ପୁନଃ ପାଣି ଓ ବିଦ୍ୟୁତ ସଂଯୋଗ କରିବାକୁ ସମ୍ପାଦକ ଅନୁରୋଧ କରଛନ୍ତି। ସୂଚନାଯୋଗ୍ୟ, ସମର୍ଥ ସ୍କୁଲ କୋଠା ବିପଦସଙ୍କୁଳ ଦର୍ଶାଇ ପ୍ରଶାସନ ଏହାକୁ ଉଚ୍ଛେଦ ପାଇଁ ନୋଟିସ୍ ଦେଇଥିଲା । ଏହାକୁ ଚ୍ୟାଲେଞ୍ଜ କରି ଅନୁଷ୍ଠାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଅନ୍ୟତ୍ର ଥଇଥାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

## ସାର ନ ପାଇ ନିରାଶରେ ଫେରିଲେ ଚାଷୀ

**କାଶୀନଗର,୭।୧୦(ଡି.ଏନ୍.ଏ.)**

ଚାଷୀମାନଙ୍କ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ କାଶୀନଗର ସମବାୟ ସମିତିକୁ ସାର ଆସିଲା। ବୁଧବାର ସକାଳୁ ଖବର ପାଇ ଚାଷୀ ଲମ୍ବା ଧାଡିରେ ଅପେକ୍ଷା କରିଥିଲେ। ମାତ୍ର ଅଳ୍ପ କେତେଜଣ ଚାଷୀ ନେବାପରେ ସାର ସରିଯାଇଥିଲା। ବହୁ ଚାଷୀ ସାର ନ ପାଇ ନିରାଶରେ ଫେରିଥିବାବେଳେ ଯେଉଁମାନେ ପାଇଛନ୍ତି ଚଢା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ କରିଛନ୍ତି। ଗତଥର ୨୮୦ ଟଙ୍କାରେ ୟୁରିଆ ବସ୍ତା ବିକ୍ରି ହୋଇଥିବାବେଳେ ଏବେ ୩ଶହ ଟଙ୍କା ନେଉଥିବା ଚାଷୀମାନେ କହିଛନ୍ତି। ଏନେଇ ସମିତି ସଭାପତି କେ. ଆପ୍ପାରାଓଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏନେଇ କୃଷି ବିଭାଗ ଅଧିକାରୀ ଫିରୋଜ୍ ଆରାଙ୍କୁ


ସାର ପାଇଁ ସମିତି ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି।

ପଚାରିବାରୁ କାଶୀନଗର ସୋସାଇଟିରେ କେହି ସେକ୍ରେଟାରି ନାହାନ୍ତି। ଖୁରିଗାଁ ସେକ୍ରେଟାରି ଦାୟିତ୍ୱରେ ଅଛନ୍ତି। ଯେତିକି ଷ୍ଟକ ଆସୁଛି ପଞ୍ଜୀକୃତ ଚାଷୀଙ୍କୁ ଆଗ ଦିଆଯାଉଛି। କୌଣସି ବ୍ୟକ୍ତି ପ୍ରାଇଭେଟ୍ ଡିଲରସିପ୍ ନେଲେ ସମସ୍ୟାର ସମାଧାନ ହୋଇ ପାରନ୍ତା। ରାଜପୁର ସୋସାଇଟି କ୍ରିୟାଶୀଳ ନ ଥିବାରୁ ସେଠାରେ ସମସ୍ୟା ହେଉଥିବା କୃଷି ଅଧିକାରୀ ଫିରୋଜ କହିଥିଲେ। ରବି ଫସଲ ପାଇଁ ବିହନ ଯୋଗାଣ ଲାଗି ପଚାରିବାରୁ ସେ କହିଛନ୍ତି, ଅକ୍ଟୋବର ଶେଷ କିମ୍ବା ନଭେମ୍ବର ପ୍ରଥମ ସପ୍ତାହରେ ବିହନ ଆସିବା ସମ୍ଭାବନା ରହିଛି। ମାଣ୍ଡିଆ, ବିରି, ମୁଗ, ସୂର୍ଯ୍ୟମୁଖୀ ବିହନ ଠିକ୍ ସମୟରେ ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି। ତୁରନ୍ତ ସାର ନ ମିଳିଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ବହୁ ଚାଷୀ।

## ସଂକ୍ଷେପରେ

### ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଛତ୍ରପୁର,୭।୧୦(ଡି.ଏନ୍.ଏ.)- ରାଜ୍ୟରେ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବି ନେଇ ବୁଧବାର ଛତ୍ରପୁର ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡିଶା ଏକ ବଳକା ବିଦ୍ୟୁତ ଉତ୍ପାଦନକାରୀ ରାଜ୍ୟରେ ଗଣତି ହୋଇଥିଲେ ବି ସରକାର ୟୁନିଟ ପିଛା ୨୦ ପଇସା ଶୁଳ୍କ ବୃଦ୍ଧି କରିଥିବାରୁ ସଂଘ ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହାକୁ ପ୍ରତ୍ୟାହାର ପାଇଁ ଦାବି କରିଛି। ସଂଘ ପକ୍ଷରୁ ସାଉଥକୋ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, କଂଗ୍ରେସ ନେତା ଭାଗିରଥି ବେହେରା, ସିପିଆଇ ଜିଲା ସହସଂପାଦକ ନୀଳକଣ୍ଠ ଦାଶ, ଦୁର୍ଯ୍ୟୋଧନ ନାହାକ,ଏସ୍.କିଷ୍ଟା ରେଡ୍ଡୀ, ଗଣପତି ବାରିକ, ମହେଶ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

### କରୋନାରେ ଅଧ୍ୟାପକଙ୍କ ମୃତ୍ୟୁ



ଆସିକା,୭।୧୦(ଡି.ଏନ୍.ଏ)-ଆସିକା ବିଜ୍ଞାନ କଲେଜ ହିନ୍ଦୀ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସେଖ୍ ସଇଦଙ୍କ (୫୯)ବୁଧବାର ଭୋର୍‌ରେ ମୃତ୍ୟୁ ଘଟିଛି। ତାଙ୍କର କରୋନା ଲକ୍ଷଣ ଥିବା ଜଣାପଡ଼ିବା ପରେ ଗତ ବୁଧବାରରୁ ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ୧୯୮୯ରୁ ସେ ଆସିକା କଲେଜରେ ଅଧ୍ୟାପନା କରୁଥିଲେ। ତାଙ୍କ ବିୟୋଗରେ ଅପରାହ୍ନରେ ଭାରପ୍ରାପ୍ତ ଅଧକ୍ଷ କେଦାରନାଥ ପଣ୍ଡାଙ୍କ ଆବାହକତ୍ୱରେ କଲେଜରେ ଶୋକସଭା ହୋଇଥିଲା। ଏଥିରେ ଅଧ୍ୟାପକ ରାଜେଶ କୁମାର ସାହୁ, ଅଧ୍ୟାପିକା ଜିନିତ ସବା, ପିଇଟି ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବହୁ ଅଧ୍ୟାପକ ଉପସ୍ଥିତ ଥିଲେ। ସଇଦ ଜଣେ ହିନ୍ଦୀ ପ୍ରଚାରକ, ଲେଖକ, ବକ୍ତା, ରେଡିଓ ବକ୍ତା ଓ ହିନ୍ଦୀ ସଂଯୋଷ୍ଠିର ରିସୋର୍ଚ ପର୍ସନ ରହିଥିଲେ। ତାଙ୍କର ନିଷ୍ଠାପର ଶିକ୍ଷାଦାନରୁ ଗତ ୯ ବର୍ଷ ହେଲା ହିନ୍ଦୀ ବିଭାଗ ଛାତ୍ରୀଛାତ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇ ଆସୁଥିବା ଆଲୋଚନା କରାଯାଇଥିଲା।

### ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ପାଟପୁର/ପାତ୍ରପୁର,୭।୧୦(ଡି.ଏନ୍.ଏ.)- ସାନଖେମୁଣ୍ଡି ତହସିଲଦାର ଭାବେ ଶ୍ରୀନିବାସ ବେହେରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପାତ୍ରପୁର ତହସିଲରୁ ସାନଖେମୁଣ୍ଡି ତହସିଲକୁ ବଦଳି ହୋଇଥିବା ବେଳେ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ପାତ୍ରପୁରକୁ ବଦଳି ହୋଇଛନ୍ତି। ସାନଖେମୁଣ୍ଡି ତହସିଲରେ ପ୍ରାକ୍ତନ ତହସିଲଦାର ନାୟକ ଓ ନୂତନ ତହସିଲଦାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପାତ୍ରପୁର ତହସିଲଦାରରେ ନୂଆ ତହସିଲଦାର ନାୟକଙ୍କୁ ସ୍ୱାଗତ କରାଯାଇଛି।

# ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ମିଳିବ ପାଠ୍ୟପୁସ୍ତକ

■ ନଭେମ୍ବରରୁ ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ହେବ
■ ୨ଶହ ଛାତ୍ରୀଛାତ୍ରଙ୍କ ପାଇଁ ୩ହଜାର ପୁସ୍ତକ ପ୍ରକାଶ ଲକ୍ଷ୍ୟ

ବ୍ରହ୍ମପୁର ଅଫିସ,୭।୧୦

ଯୁକ୍ତ ଦୁଇ କଳାରେ ଅଧ୍ୟୟନ କରିବାକୁ ଥିବା ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଏଣିକି ମିଳିବ ବ୍ରେଲି ଲିପିର ପାଠ୍ୟପୁସ୍ତକ। ୨୦୨୦-୨୧ ଶିକ୍ଷା ବର୍ଷରେ ଯୁକ୍ତଦୁଇ କଳା ପ୍ରଥମ ବର୍ଷରେ ଅଧ୍ୟୟନ କରିବାକୁ ଥିବା ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ଓଡିଆ ମାଧ୍ୟମରେ ୫ ବିଷୟର ବ୍ରେଲି ପାଠ୍ୟପୁସ୍ତକ ଉପଲବ୍ଧ ହେବ। ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହି ପୁସ୍ତକ ସେମାନଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ବ୍ରହ୍ମପୁର ସ୍ଥିତ ରେଡକ୍ରସ କମ୍ପ୍ୟୁଟରୀକୃତ ବ୍ରେଲି ମୁଦ୍ରାଣାଳୟ ପକ୍ଷରୁ ସୂଚନା ମିଳିଛି।

ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ କଳାରେ ଅଧ୍ୟୟନ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ବ୍ରେଲି ଲିପିରେ ଓଡିଆ ମାଧ୍ୟମରେ ପୁସ୍ତକ ପ୍ରକାଶନ ପାଇଁ ସ୍ଥିର କରାଯାଇଥିଲା। ଏନେଇ ଗତ ଫେବୃଆରୀରୁ ବ୍ରେଲି ମୁଦ୍ରାଣାଳୟ ପକ୍ଷରୁ ଡାଟାଏଣ୍ଟ୍ରି କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ଶିକ୍ଷାବର୍ଷରେ ୫ଟି ବିଷୟର ପାଠ୍ୟପୁସ୍ତକ ଉପଲବ୍ଧ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ଓଡିଆ, ଇଂଲିଶ, ରାଜନୀତି ବିଜ୍ଞାନ, ଇତିହାସ ବିଷୟର ଡାଟାଏଣ୍ଟ୍ରି ସରିଥିବାବେଳେ ଶିକ୍ଷା ବିଷୟର ଡାଟାଏଣ୍ଟ୍ରି ସହ ପୁସ୍ତକ ପ୍ରକାଶନ କାର୍ଯ୍ୟ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରହିଛି। ତେବେ ଗତ ଅଗଷ୍ଟରେ ପୁସ୍ତକ ପ୍ରକାଶନ ନିମିତ୍ତ ଆବଶ୍ୟକୀୟ କଞ୍ଚାମାଲ ତଥା ସାମଗ୍ରୀ କ୍ରୟ ବାବଦକୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମଧ ୯ ଲକ୍ଷ ୬୬ ହଜାର ଟଙ୍କା ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ୨୦୦ ଛାତ୍ରୀଛାତ୍ରଙ୍କ ପାଇଁ ୩୦୦୦ ପୁସ୍ତକ ପ୍ରକାଶ କରାଯାଉଥିବା ବେଳେ ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ସମସ୍ତ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ନିକଟରେ ଏହା ପହଞ୍ଚାଇବାକୁ ଯୋଜନା ରହିଥିବା ରେଡକ୍ରସ କମ୍ପ୍ୟୁଟରୀକୃତ ବ୍ରେଲି ମୁଦ୍ରାଣାଳୟର ମ୍ୟାନେଜର ପ୍ରକାଶ ନାରାୟଣ ରଥ ସୂଚାଇଛନ୍ତି।

ସୂଚନାଯୋଗ୍ୟ, ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନଙ୍କ ପାଇଁ ବ୍ରେଲି ଲିପିରେ ପାଠ୍ୟପୁସ୍ତକ ଉପଲବ୍ଧ କରାଇବା ନେଇ ୧୯୮୬ରେ ବ୍ରହ୍ମପୁରରେ ବ୍ରେଲି ପ୍ରେସ ସ୍ଥାପିତ ହୋଇଥିଲା। ୨୦୧୩ରେ ଏହି ବ୍ରେଲି ମୁଦ୍ରଣାଳୟକୁ କମ୍ପ୍ୟୁଟରାଇଜେସନ କରାଯାଇଥିଲା।



ମୁଦ୍ରାଣାଳୟରେ ଥିବା ବ୍ରେଲି ପ୍ରେସ୍।

# ରୁପା ବ୍ୟବସାୟୀଙ୍କୁ ଲୁଟ୍‌ରେ ୩ ଗିରଫ

## ୩.୨ କି.ଗ୍ରା.ଅଳଙ୍କାର, ବନ୍ଧୁକ, ବାଇକ୍ ଜବତ

ବୁଗୁଡ଼ା,୭।୧୦ (ଡି.ଏନ.ଏ.)



୩ ଲୁଟେରାଙ୍କ ସହ ଜବତ ଅଳଙ୍କାର।

ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର-ବୋରିପଦର ରାସ୍ତାରେ ରୁପା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ ଘଟଣାରେ ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ତୁଳସୀପଲ୍ଲୀର ଚୁନା ନାୟକ, କୁଲାଡ଼ର ଗୁକୁନା ସ୍ୱାଇଁ ଏବଂ ବୁଗୁଡ଼ା ଥାନା ନିମପଦର ଗ୍ରାମର ପ୍ରବୀଣ ନାୟକ। ଅଭିଯୁକ୍ତମାନଙ୍କଠାରୁ ୩ କେଜି ୨୦୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ବନ୍ଧୁକ, ଗୁଳି, ଛୁରୀ, ୨ଟି ବାଇକ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ.୨୮୭/୨୦ ଦଫା ୩୯୪ ଓ ୨୫ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ଶୁକ୍ରବାର ମଧ୍ୟାହ୍ନରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଖମାରପଲ୍ଲୀର ଲୋକନାଥ ସାହୁ ବାଇକ୍‌ରେ ଅଳଙ୍କାର ନେଇ ବ୍ୟବସାୟ କରିବାକୁ ଯାଉଥିବା ବେଳେ ନିମପଦର-ବୋରିପଦର ରାସ୍ତାରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସେମାନେ ମାଡ଼ ମାରବା ସହ ବାଇକ ଡିକିରୁ ୭.୫ କିଗ୍ରା ରୁପା ସହ ୬ ହଜାର ଟଙ୍କା ଓ କିଛି ଲୁଟି ନେଇଥିଲେ। ପରେ ଏନେଇ ଲୋକନାଥ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ପ୍ରବୀଣଙ୍କୁ ଧରିବାରେ ପରେ ତାଙ୍କ ସୂଚନା ପ୍ରକାରେ ଗୁକୁନା ଓ ଚୁନାଙ୍କୁ କାବୁ କରିଥିଲା।

# ଗଞ୍ଜାମରେ ଆରୋଗ୍ୟ ସଂଖ୍ୟା ୨୦ ହଜାର ଟପିଲା

## ଧରାକୋଟ କରୋନାମୁକ୍ତ

ଛତ୍ରପୁର,୭।୧୦(ଡି.ଏନ୍.ଏ)

ଗଞ୍ଜାମ ଜିଲାର ଧରାକୋଟ ବ୍ଲକ କରୋନା ମୁକ୍ତ ଭାବେ ଘୋଷଣା ହୋଇଛି। ଧରାକୋଟ ବ୍ଲକ ଟିମ୍‌କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ପ୍ରଂଶସା କରିଛନ୍ତି। ଜିଲାରେ ମିଶନ ଜିରୋ ଆକ୍ଟିଭ୍ କେସ୍ ଲକ୍ଷ୍ୟକୁ ପୋଲସରା ଓ ଧରାକୋଟ ବ୍ଲକ ପୂରଣ କରିଥିବା ଜିଲାପାଳ ସୂଚନା ଦେଇଛନ୍ତି। ମଙ୍ଗଳବାର ପୋଲସରା ବ୍ଲକ କରୋନା ମୁକ୍ତ ଘୋଷଣା ହୋଇଥିଲା। ଏହାପୂର୍ବରୁ ଗୋପାଳପୁର ଏନ୍ଏସି ମଧ କରୋନା ମୁକ୍ତ ଘୋଷଣା ହୋଇସାରିଛି।

ସୂଚନା ଅନୁସାରେ, ଧରାକୋଟ ବ୍ଲକରେ ଏଯାବତ ୩୨୦ ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୧୮ ଜଣ ସୁସ୍ଥ ହୋଇଥିବାବେଳେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ବ୍ଲକରେ ୧୦,୫୧୬ ଜଣଙ୍କ ଆଣ୍ଟିଜେନ୍ ଓ ୨,୫୩୫ ଜଣଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ହୋଇଥିଲା। ଜିଲାପାଳ ଆହୁରି ସୂଚନା ଦେଇଛନ୍ତି ଜିଲାରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ୨୦ ହଜାର ଟପିଛି। ଯାହାକି ୯୭.୭ ପ୍ରତିଶତ। ବୁଧବାର ଆଉ ୪୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୫୬ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୫ କରୋନା ଯୋଦ୍ଧା ଅଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ୨୦,୪୬୭ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୨୦ ହଜାର ୩ ଜଣ ସୁସ୍ଥ ହୋଇଥିବା ବେଳେ ଏବେ ୨୩୫ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ବୁଧବାର ସୁଦ୍ଧା ୨୨୧ ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଜିଲାରେ ୪,୨୫୦ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୪ ଲକ୍ଷ ୫୬ ହଜାର ୮୨୪ ଜଣଙ୍କ ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ୧୦୦ ପୋଲିସ ପ୍ଲାଜ୍‌ମା ଦେଲେଣି

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ଲାଜମା ବ୍ୟାଙ୍କରେ ୧୦୦ ପୋଲିସ କର୍ମଚାରୀ ଓ ଅଧିକାରୀ ପ୍ଲାଜ୍‌ମା ଦାନ କଲେଣି। ବିଭିନ୍ନ ବାଟାଲିୟନ ଓ ପୋଲିସ ଜିଲାରେ କରୋନାରୁ ସୁସ୍ଥ ପୋଲିସ ଅଧିକାରୀ ଓ କର୍ମଚାରୀ ଯେଭଳି ପ୍ଲାଜ୍‌ମା ଦେବେ ସେ ନେଇ ଛତ୍ରପୁର ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଶନ ଚାଲିଛି। ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଛତ୍ରପୁର ଅଷ୍ଟମ ବାଟାଲିୟନର ୩୯, ଭଞ୍ଜନଗର ଅଷ୍ଟମ ଏସଆର୍‌ର ୧୯, ଗଜପତି ତୃତୀୟ ଏସଏସ୍ ବାଟାଲିୟନର ୨୬, ଦେବଗଡ ଚତୁର୍ଥ ଆଇଆର୍ ବାଟାଲିୟନର ୪, ଆଇଆରଇ ଲିମିଟେଡ୍‌ରେ କାର୍ଯ୍ୟରତ ଓଆଇଏସଏଫ୍‌ର ୩, ବୌଦ୍ଧ ପଞ୍ଚମ ଆଇଆର୍ ବାଟାଲିୟନର ୪, ଗଜପତି ପୋଲିସ ଜିଲାର ୨, ବ୍ରହ୍ମପୁର ପୋଲିସ ଜିଲାର ୨, ସର୍କଲ ବ୍ରହ୍ମପୁରର ଜଣେ ଏବଂ ଆସିକା ଜେଲ୍‌ର ଜଣେ ଏମ୍‌କେସିଜିରେ ପ୍ଲାଜମା ଦାନ କରିଛନ୍ତି। ଆହୁରି ବହୁ ସଂଖ୍ୟକ ପୋଲିସ ଅଧିକାରୀ ଓ କର୍ମଚାରୀ ପ୍ଲାଜ୍‌ମା ଦାନ କରିବେ ବୋଲି ସୂଚନା ମିଳିଛି।

# ଜିଲାପାଳଙ୍କୁ କଳାକାରଙ୍କ ଦାବିପତ୍ର

ଫୁଲବାଣୀ ଅଫିସ, ୭।୧୦

କନ୍ଧମାଳ ଜିଲାରେ ସ୍ଥାୟୀ ଜିଲା ସଂସ୍କୃତି ଅଧିକାରୀ ନିଯୁକ୍ତି ଏବଂ କଳାକାରମାନଙ୍କୁ କରୋନା ସହାୟତା ଆଦି ବିଭିନ୍ନ ଦାବି ନେଇ ଜିଲାର କଳାକାରମାନେ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାରେ କଳାକୁ ସୁଦୃଢ଼ କରିବା ପାଇଁ ସ୍ଥାୟୀ ସଂସ୍କୃତି ଅଧିକାରୀ ନିଯୁକ୍ତ, ଜିଲା ଏବଂ ବ୍ଲକସ୍ତରରେ କଳା ସଂସ୍କୃତି ସଂଘ ଉପସଭାପତି ପ୍ରଶାସନ ଜାଣତରେ ଚୟନ କରାଯିବା, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଜନସଚେତନତା ପାଇଁ ମଞ୍ଜୁର ହେଉଥିବା ଅର୍ଥରାଶି ଏନ୍‌ଜିଓ କିମ୍ବା ରଥ ଗାଡି ମାଧ୍ୟମରେ କରା ନ ଯାଇ କଳାକାରଙ୍କ ଦ୍ୱାରା କରିବା, ଲୋକ କଳା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିବା କଳାକାରଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ, ପୂର୍ବରୁ ଚୟନ ହୋଇଥିବା ଉପ ସଭାପତି ପଦକୁ ରଦ୍ଦ କରି ନୂତନ ଚୟନ, ଭତ୍ତା ପାଇଁ ପ୍ରକୃତ କଳାକାର ଚୟନ, ସମସ୍ତ କାର୍ଯ୍ୟକ୍ରମରେ ଜିଲା କଳାକାରଙ୍କୁ ପ୍ରାଧାନ୍ୟ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଳାକାର ତ୍ରିନାଥ ସାହୁ, ଦେବହରି କହଁର, କୃଷ୍ଣ ଚରଣ ଦିଗାଲଙ୍କ ସମେତ ଅନ୍ୟମାନେ ଆସି ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ।

# ମଣ୍ଡପରେ ସର୍ବସାଧାରଣ ଦର୍ଶନ ମନା




ବୈଠକରେ ଉପସ୍ଥିତ ଉପଜିଲାପାଳ, ଏଏସପି, ଡେପୁଟି କମିଶନର।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ,୭।୧୦

ବିନା ଆଡମ୍ବରରେ ଆୟୋଜିତ ହେବ ଚଳିତ ଦୁର୍ଗାପୂଜା। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନିକ କଟକଣା ମଧ୍ୟରେ ମା'ଙ୍କ ନବରାତ୍ର ପୂଜା ଆୟୋଜନ କରିବାକୁ କମିଟି କର୍ମକର୍ତ୍ତାଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଭି. କିର୍ତ୍ତୀ ଭାସନ ପୂଜା କମିଟିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁରରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ପୂଜା ଆୟୋଜିତ ହେଉଥିବା ବେଳେ ଜନଗହଳି ତଥା କୋଭିଡ୍ ସଂକ୍ରମଣକୁ ଏଡାଇବା ନେଇ ଏଭଳି ନିଷ୍ପତ୍ତି ନିଆଯାଇଥିବା ବୈଠକରେ କୁହାଯାଇଥିଲା। ଜିଲା ତଥା ସହରରେ କୋଭିଡ୍ ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ତେଣୁ ପୁନଃ ସଂକ୍ରମଣ ଆଶଙ୍କାକୁ ଏଡାଇବା ନେଇ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କଟକଣା ମଧ୍ୟରେ ନବରାତ୍ର ପୂଜା ଆୟୋଜନ କରିବାକୁ କମିଟି ସଦସ୍ୟଙ୍କୁ କୁହାଯାଇଥିଲା। ଚଳିତ ବର୍ଷ ମଣ୍ଡପରେ ମା'ଙ୍କ ସର୍ବସାଧାରଣ ଦର୍ଶନକୁ ବାରଣ କରାଯିବା ସହ ମଣ୍ଡପର ତିନି ପାର୍ଶ୍ୱକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ପୂଜା ଆୟୋଜନ କରିବାକୁ କମିଟିକୁ ସୂଚାଯାଇଛି। ଏଥିସହ ମଣ୍ଡପ ନିକଟରେ ପୂଜକ ଓ କମିଟି ସଦସ୍ୟଙ୍କୁ ମିଶାଇ ମୋଟ ୭ ଜଣ ରହିବାକୁ ଅନୁମତି ଦିଆଯାଇଛି। ସେହିପରି ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ସୀମିତ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମଣ୍ଡପ ନିକଟରେ ସମାଜିକ ଦୂରତା ରକ୍ଷା, ମାସ୍କ, ସାନିଟାଇଜର ବ୍ୟବହାର ସହ ଅଗ୍ନିନିରାପତ୍ତା ବ୍ୟବସ୍ଥା, ସିସିଟିଭି ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ବିନା ଶୋଭାଯାତ୍ରାରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କୃତ୍ରିମ ପୋଖରୀରେ ବିସର୍ଜନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଥିବା ସୂଚାଯାଇଛି। ବୈଠକରେ ଉପଜିଲାପାଳଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ରେମାଞ୍ଚଳ ଖମାରୀ, ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଟାଉନ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ବ୍ରହ୍ମପୁର ତହସିଲଦାର ସିପକ୍ କୁମାର ପାତ୍ର, ଡେପୁଟି କଲେକ୍ଟର ପଞ୍ଚାନନ ପାତ୍ର, ପ୍ରଦୀପ କୁମାର ମହାରଣାଙ୍କ ସମେତ ସହରର ସମସ୍ତ ଦୁର୍ଗା ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨ ଗୁଣିଆଙ୍କୁ ତାଗିଦ୍ କରି ଛାଡ଼ିଲା ପୋଲିସ

ବୁଗୁଡ଼ା,୭।୧୦(ଡି.ଏନ.ଏ.)

ଗାଁ ଲୋକଙ୍କ ଭୟରେ ଡାକ୍ତର ପାଖକୁ ଦାନ୍ତ ଭାଙ୍ଗିବାକୁ ଯାଇଥିବା ଦୁଇ ଗୁଣିଆଙ୍କୁ ବୁଗୁଡ଼ା ପୋଲିସ ଗିରଫ ନ କରି ବୁଧବାର ଛାଡ଼ିଦେଇଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତର ପୁରୁଣା ଦଦରାଖୋଲ ଗ୍ରାମରେ ଦୁଇ ମାସ ହେଲା ଯେଉଁ ଲୋକେ ଅସୁସ୍ଥ ହେଲେ ଗୁଣିଆ ପାଖକୁ ଯାଇ ସୁସ୍ଥ ହେଉଥିବା ବିଶ୍ୱାସ କରୁଥିଲେ। ଗାଁରେ କେହି ଗୁଣି କରୁଥିବା ଲୋକେ ସନ୍ଦେହ କରିଥିଲେ। ଏଥିପାଇଁ ଗ୍ରାମବାସୀ ଗୁଣିଆଙ୍କୁ ଖୋଜିବାକୁ ରାତିରେ ପହରା ଦେଉଥିଲେ। ସୁରାକ ପାଇବା ପରେ ଗ୍ରାମ କମିଟି ପକ୍ଷରୁ ଏକ ବୈଠକ ବସିଥିଲା। ବୈଠକରେ ଗ୍ରାମର ୨ଜଣ ଗୁଣି କରୁଥିବା ସ୍ୱୀକାର କରିଥିଲେ। ସେମାନେ ଯେଉଁ ବହି ରଖି ପୂଜା କରୁଥିଲେ ତାହା ଦେବାକୁ ରାଜି ନ ହେବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଉଭୟଙ୍କ ଦାନ୍ତ ଭାଙ୍ଗିବା ପାଇଁ କହିଥିଲେ। କିନ୍ତୁ ସେମାନେ ନିଜେ ଦାନ୍ତ ଭାଙ୍ଗିବୁ କହି ମଙ୍ଗଳବାର ବୁଗୁଡ଼ାର ଏକ ଘରୋଇ ମେଡିକାଲକୁ ଯାଇଥିଲେ। ହେଲେ ଡାକ୍ତର ସେମାନଙ୍କୁ ଫେରାଇ ଦେଇଥିଲେ। ଖବରପାଇ ପୋଲିସ ଗୁଣିଆଙ୍କ ସହ ଗ୍ରାମ୍ୟ କମିଟିକୁ ଥାନାକୁ ଡକାଇଥିଲା। ଗୁଣିଆଙ୍କୁ ତାଗିଦ୍ ପରେ ଛାଡ଼ି ଦିଆଯାଇଥିଲା।

## ଜିଲାପାଳଙ୍କ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ

ଶେରଗଡ଼,୭।୧୦(ଡି.ଏନ୍.ଏ.)

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶେରଗଡ ବ୍ଲକର ୩ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଧବାର ପରିଦର୍ଶନ କରିଛନ୍ତି। ମହୁପଦର ପଞ୍ଚାୟତ ପଦ୍ମପରୁ ଗ୍ରାମରେ ବୃକ୍ଷରୋପଣ ତଦାରଖ କାର୍ଯ୍ୟକ୍ରମ ତଦାରଖ ପରେ କରଡାକଣା ପଞ୍ଚାୟତକୁ ଯାଇ ବାବା ଉଦୟନାଥ ପୀଠରେ ୮ ଲକ୍ଷ ବ୍ୟୟରେ ନିର୍ମାଣାଧୀନ ପାର୍କ ବୁଲି ଦେଖିବା ସହ ଦୁଇଟି ଆଦର୍ଶ ଗୋରୁ ଗୁହାଳ ଦେଖି ଖୁସିବ୍ୟକ୍ତ କରିଥିଲେ। ଏହାପରେ କୃଷ୍ଣଛାଇ ପଞ୍ଚାୟତ ପୋଖରୀ ସୌନ୍ଦର୍ଯ୍ୟକରଣ, ଧବଳପୁର ଠାରେ ଅଙ୍ଗନୱାଡ଼ି କେନ୍ଦ୍ର କୋଠା, ଧନନ୍ତର ପଞ୍ଚାୟତ ଶେରାଙ୍କୁଡା ଗ୍ରାମର ବହୁ ଚାଷୀଙ୍କ ଲେମ୍ବୁ ବଗିଚା ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହୀନ୍ଦ୍ର କୁମାର ଷଡଙ୍ଗୀ, ତହସିଲଦାର ଡ. ଦୟାସିନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## କୋର୍ଟ ସ୍ଥାପନ ବିଳମ୍ବକୁ ନେଇ ଜନ ଅସନ୍ତୋଷ

ରାଇକିଆ, ୭।୧୦(ଡି.ଏନ୍.ଏ.କପ)

କନ୍ଧମାଳ ଜିଲା ରାଇକିଆଠାରେ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନରେ ବିଳମ୍ବକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାରଙ୍କ ତରଫରୁ ଦୀର୍ଘ ଦିନ ହେଲା ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ ବିଭିନ୍ନ ସଙ୍ଗଠନ ତରଫରୁ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ବେଳେ ବୁଧବାର ରାଇକିଆ ନାଗରିକ ମଞ୍ଚ କର୍ମକର୍ତ୍ତା ଏବଂ ବଣିକ ସଂଘ ସଭାପତି ସତ୍ୟବାନ ପାତ୍ର, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ ବିଡିଓ ଏବଂ ତହସିଲଦାରଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଉଭୟ ପ୍ରଶାସନିକ ଅଧିକାରୀ କୋର୍ଟ ସ୍ଥାପନ ପାଇଁ ଅସ୍ଥାୟୀ ବିଲ୍ଡିଂ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶୀଘ୍ର ଏ ନେଇ ଜିଲାପାଳଙ୍କ ସହ ମଧ୍ୟ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
➜ DMLT 2 Year
➜ OT.Tech 2 Year
➜ Dialysis 2 Year
➜ I.C.U 1 Year
➜ E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ
ମାତ୍ର ୩ ଘଣ୍ଟାରେ। ବିଶ୍ୱପ୍ରସିଦ୍ଧ
ବାବା ଜାଫର ଖାନ

ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣି ଗାରେଡ଼ି, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ।
8791155192
8791159152

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ

ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରନ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ

A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

